# NATIONAL NEWS BULLETIN (ODIA)
## 28th December - 2025
## Evening Bulletin : 7.15 p.m.

********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ପ୍ରଜ୍ଞା ପରିମିତା ଜେନା**

## ମୁଖ୍ୟ ସମ୍ବାଦ

- ଡାକ୍ତରଙ୍କ ପରାମର୍ଶରେ ଆଣ୍ଟିବାୟୋଟିକ୍ସ ବ୍ୟବହାର ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଲେ ପ୍ରଧାନମନ୍ତ୍ରୀ ।

— ବିକଶିତ ଭାରତ ଲକ୍ଷ୍ୟ ପୂରଣ ନେଇ ନୂଆବର୍ଷରେ ନୂତନ ଆଶା ଓ ସଙ୍କଳ୍ପ ସହ କାର୍ଯ୍ୟ କରିବାକୁ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ଆହ୍ୱାନ ।

- ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆସନ୍ତାକାଲିଠାରୁ ପୁଡୁଚେରୀ, କେରଳ ଓ ତାମିଲନାଡୁ ଗସ୍ତରେ ଯିବେ ।

- ଭାରତର ମୁଖ୍ୟ ନିର୍ବାଚନ ଆୟୁକ୍ତ' ୮ ଶହ ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହ ଆସନ୍ତାକାଲି ଭୁବନେଶ୍ୱରରେ କରିବେ ଆଲୋଚନା ।

- ବିଗତ ୧୦ ବର୍ଷ ମଧ୍ୟରେ ଭାରତର ଆଣବିକ ଶକ୍ତି କ୍ଷମତା ଦୁଇଗୁଣ ବୃଦ୍ଧି ପାଇଛି ।

ଏବଂ

- ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍‌ର ଆଜି ଚତୁର୍ଥ ମ୍ୟାଚ୍ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ ଜାରି ।

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଚଳିତ ୨୦୨୫ ବର୍ଷରେ ପ୍ରତ୍ୟେକ କ୍ଷେତ୍ରରେ ଜାତୀୟ ସୁରକ୍ଷାଠାରୁ ଆରମ୍ଭ କରି କ୍ରୀଡ଼ା ଏବଂ ବିଜ୍ଞାନ ପ୍ରୟୋଗଶାଳାରୁ ବିଶ୍ୱର ବୃହତ୍ତମ ମଞ୍ଚ ପର୍ଯ୍ୟନ୍ତ ଭାରତ ଏକ ବଳିଷ୍ଠ ପଦଚିହ୍ନ ସୃଷ୍ଟି କରିଛି । ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଆଜି ଦେଶବାସୀଙ୍କୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଅପରେସନ ସିନ୍ଦୂର ଚଳିତବର୍ଷ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ଗର୍ବର ପ୍ରତୀକ ପାଲଟିଛି । ସୁରକ୍ଷା ସହିତ ଭାରତ ସାଲିସ୍ କରେ ନାହିଁ ବୋଲି ବିଶ୍ୱକୁ ସ୍ପଷ୍ଟ ବାର୍ତ୍ତା ପ୍ରଦାନ କରାଯାଇଛି । ସେ କହିଛନ୍ତି ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ପାଇଁ ପ୍ରତ୍ୟେକ ଦେଶବାସୀ ସମାନ ମନୋଭାବ ଏବଂ ଉତ୍ସାହ ପ୍ରଦର୍ଶନ କରିଛନ୍ତି ।

#Bande Mataram150 ପୋର୍ଟାଲରେ ବାର୍ତ୍ତା ଏବଂ ପରାମର୍ଶ ପଠାଇବାକୁ ପ୍ରଧାନମନ୍ତ୍ରୀ ଅନୁରୋଧ କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି’ ଆଣ୍ଟିବାୟୋଟିକ୍ସର ମନଇଚ୍ଛା ବ୍ୟବହାର କରିବା ଉଚିତ ନୁହେଁ ବୋଲି ଜନସାଧାରଣଙ୍କୁ ସତର୍କ କରାଇଦେଇଛନ୍ତି । ଡାକ୍ତରମାନଙ୍କ ପରାମର୍ଶକ୍ରମେ ଆଣ୍ଟିବାୟୋଟିକ୍ସ ବ୍ୟବହାର କରିବା ଉଚିତ । ନିଜ ମନମୁତାବକ ଔଷଧ ସେବନରୁ ବିରତ ରହିବା ଲାଗି ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି । ଭାରତୀୟ ଚିକିତ୍ସା ଓ ଗବେଷଣା ପରିଷଦ - ଆଇ.ସି.ଏମ୍.ଆର୍. ପକ୍ଷରୁ ନିକଟରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ ନିମୋନିଆ ଏବଂ ମୂତ୍ରାଶୟ ସମ୍ବନ୍ଧୀୟ ସମସ୍ୟା ଭଳି କେତେକ ରୋଗର ଚିକିତ୍ସାରେ ଆଣ୍ଟିବାୟୋଟିକ୍ସ ପ୍ରଭାବଶୂନ୍ୟ ହୋଇଥାଏ ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ୨୦୨୬ ବର୍ଷକୁ ସ୍ୱାଗତ କରିବାପାଇଁ ନୂତନ ଆଶା ଓ ସଙ୍କଳ୍ପ ନେଇ ଅଗ୍ରସର ହେଉଛି । ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଭାରତର ଏହି ଯାତ୍ରା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲ୍‌ଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ପ୍ରଧାନମନ୍ତ୍ରୀ’ ୨୦୨୬ ବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ ବୋଲି କାମନା କରିଛନ୍ତି ।

ସ୍ୱଦେଶୀ ପ୍ରତି ଲୋକଙ୍କ ଉତ୍ସାହ ବୃଦ୍ଧି ପାଉଥିବା ନେଇ ଶ୍ରୀ ମୋଦୀ ସନ୍ତୋଷବ୍ୟକ୍ତ କରିଛନ୍ତି । ବିକଶିତ ଭାରତ ସ୍ୱପ୍ନ ପୂରଣ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

ବିଶ୍ୱସ୍ତରରେ ଭାରତ ଉପରେ ଆଶା ଏବଂ ବିଶ୍ୱାସ ବୃଦ୍ଧିପାଇଛି । ଏହାର ପ୍ରମୁଖ କାରଣ ହେଉଛି ଭାରତର ଯୁବଶକ୍ତି । ବିଜ୍ଞାନ, ଉଦ୍ଭାବନ ଓ ପ୍ରଯୁକ୍ତିବିଦ୍ୟା ପ୍ରସାର କ୍ଷେତ୍ରରେ ଭାରତର ସଫଳତା ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକୁ ପ୍ରଭାବିତ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

କ୍ରୀଡ଼ା ଦୃଷ୍ଟିରୁ ମଧ୍ୟ ଚଳିତବର୍ଷ ଅନେକ ସୁଖଦ ମୁହୂର୍ତ୍ତ ଆଣିଦେଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି । ଭାରତୀୟ ପୁରୁଷ କ୍ରିକେଟ୍ ଦଳର ଆଇସିସି ଚମ୍ପିଆନ୍ସ ଟ୍ରଫି ଟାଇଟଲ ହାସଲ, ମହିଳା କ୍ରିକେଟ ଦଳ ପ୍ରଥମଥର ପାଇଁ ବିଶ୍ୱକପ୍ ଜିତିବା ଏବଂ ମହିଳା ଦୃଷ୍ଟିହୀନ କ୍ରିକେଟ୍ ଦଳ ଟି-୨୦ ବିଜୟୀ ହେବା ଇତିହାସ ସୃଷ୍ଟି କରିଛି ।

***Voice (PM Sports)*** :..........

ନିକଟରେ ଶେଷ ହୋଇଥିବା ସ୍ମାର୍ଟ ଇଣ୍ଡିଆ ହାକାଥନ୍ ୨୦୨୫ ସମ୍ପର୍କରେ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି ୮୦ରୁ ଅଧିକ ସରକାରୀ ବିଭାଗର ୨୭୦ରୁ ଊର୍ଦ୍ଧ୍ୱ ସମସ୍ୟା ସମାଧାନ ଦିଗରେ ଏହି ଅବସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଛାତ୍ରଛାତ୍ରୀମାନେ ଟ୍ରାଫିକ ସମ୍ବନ୍ଧୀୟ ସମସ୍ୟା ଭଳି ଦୈନନ୍ଦିନ ଜୀବନର ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ସମାଧାନର ପନ୍ଥା ଉପସ୍ଥାପନ କରିଥିଲେ । ଗତ ୮ ବର୍ଷ ମଧ୍ୟରେ ୧୩ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ଏବଂ ୬ହଜାରରୁ ଅଧିକ ଶିକ୍ଷାନୁଷ୍ଠାନ ସ୍ମାର୍ଟ ଇଣ୍ଡିଆ ହାକାଥନରେ ଅଂଶଗ୍ରହଣ କରିଛନ୍ତି । ପରବର୍ତ୍ତୀ ପୀଢ଼ି ଭାରତୀୟ ସଂସ୍କୃତିର ମୂଳ ଆଧାର

ଭିତ୍ତିରେ ନୂତନ ଚିନ୍ତାଧାରା ଏବଂ ପଦ୍ଧତିର ସହ ଆଗକୁ ବଢୁଥିବା ନେଇ ପ୍ରଧାନମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି ।

ଆସନ୍ତାମାସରେ ଭାରତ ୭୭ତମ ଗଣତନ୍ତ୍ରଦିବସ ପାଳନ କରିବ । ଦେଶକୁ ସ୍ୱାଧୀନ କରିବାରେ ପ୍ରତ୍ୟେକ ପ୍ରାନ୍ତର ଲୋକଙ୍କର ଅବଦାନ ରହିଥିଲେ ମଧ୍ୟ ଅନେକଙ୍କୁ ସେମାନଙ୍କୁ ପ୍ରକୃତ ସମ୍ମାନ ମିଳିନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ସେ ଓଡ଼ିଶାର ପାର୍ବତୀ ଗିରିଙ୍କ ଉଦାହରଣ ପ୍ରଦାନ କରିଛନ୍ତି ।

***Voice (PM - Parvati Giri)*** :..........

ଶେଷରେ ପ୍ରଧାନମନ୍ତ୍ରୀ ସୁସ୍ଥ ଜୀବନଶୈଳୀ ଆପଣେଇବା ଏବଂ ଫିଟ୍ ଇଣ୍ଡିଆ ଅଭିଯାନରେ ସାମିଲ ହେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ।

## ଭି.ପି. - ଟୁ ଡେ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍' ପୁଡୁଚେରୀ, କେରଳ ଏବଂ ତାମିଲନାଡୁକୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଯିବେ । ଏହି ଗସ୍ତକାଳରେ ଶ୍ରୀ ରାଧାକ୍ରିଷ୍ଣନ୍ ପୁଡୁଚେରୀଠାରେ ମହାକବି ଭରତିଆର୍‌ଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବେ ଏବଂ ସ୍ମାର୍ଟ ସିଟି ଅଭିଯାନ ଅଧୀନରେ ଏକ ଗୃହପ୍ରକଳ୍ପର ମଧ୍ୟ ଶୁଭାରମ୍ଭ କରିବେ । ପୁଡୁଚେରୀ ବିଶ୍ୱବିଦ୍ୟାଳୟର ୩୦ତମ

ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ରାଧାକ୍ରିଷ୍ଣନ୍ ଯୋଗଦେବେ ।

କେରଳରେ ଆୟୋଜିତ ତ୍ରିଭେନ୍ଦ୍ରମ୍ ଫେଷ୍ଟ-୨୦୨୫ରେ ମଧ୍ୟ ଉପରାଷ୍ଟ୍ରପତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଗସ୍ତର ଦ୍ୱିତୀୟ ଦିବସରେ ଉପରାଷ୍ଟ୍ରପତି କେରଳର ଭାର୍କାଲାଠାରେ ୯୩ତମ ଶିବଗିରି ତୀର୍ଥସ୍ଥଳୀରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ତିରୁବନନ୍ତପୁରମ୍ଠାରେ ମାର୍ ଇଭାନିଓସ୍ ମହାବିଦ୍ୟାଳୟର ପ୍ଲାଟିନମ୍ ଜୁବିଲି ସମାରୋହର ଉଦ୍ଯାପନୀ କାର୍ଯ୍ୟକ୍ରମରେ ଯୋଗଦେବେ । ସେହିଦିନ ତାମିଲନାଡୁର ରାମେଶ୍ୱରମ୍ଠାରେ କାଶି-ତାମିଲ୍ ସଙ୍ଗମ୍ମ୍-୪.୦ ଉଦ୍ଯାପନୀ ସମାରୋହରେ ଉପରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗଦେବେ ।

## ସି.ଇ.ସି. - ଭୁବନେଶ୍ୱର

ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଆସନ୍ତାକାଲି ଭୁବନେଶ୍ୱରଠାରେ ବୁଥ୍ସ୍ତରୀ ଅଧିକାରୀମାନଙ୍କ ସହ ନିର୍ବାଚନ ପ୍ରକ୍ରିୟା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା କରିବେ । ଖୋର୍ଦ୍ଧା ଏବଂ କଟକ ଜିଲ୍ଲାର ପ୍ରାୟ ୮ ଶହ ବୁଥ୍ ସ୍ତରୀୟ ଅଧିକାରୀ ବୈଠକରେ ଅଂଶଗ୍ରହଣ କରି

ଆଲୋଚନାରେ ଭାଗ ନେବେ ବୋଲି ଜଣାପଡ଼ିଛି । ନିର୍ବାଚନ ପ୍ରକ୍ରିୟାରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଅନ୍ତର୍ଗତ ତୃଣମୂଳ ସ୍ତରରେ ଯାଞ୍ଚ୍ କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯିବା ଉପରେ ଆଲୋଚନା ହେବ । ଶ୍ରୀ କୁମାର ରାଜ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ ମଧ୍ୟ ବୈଠକ କରି ଭୋଟର୍ ସେବା ପରିଚାଳନା ସମ୍ପର୍କିତ ବିଭିନ୍ନ ଆହ୍ୱାନ ଓ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବେ । ଓଡ଼ିଶାରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାର ତୃତୀୟ ପର୍ଯ୍ୟାୟର ଶୁଭାରମ୍ଭ ହେବା ପରେ ତାଙ୍କର ଏହି ଗସ୍ତ ଗୁରୁତ୍ୱ ବହନ କରୁଛି । ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଘରକୁ ଘର ଯାଇ ଯାଞ୍ଚ କରାଯିବା ସହ ଭୋଟର ତାଲିକାକୁ ନିର୍ଭୁଲ କରିବା ଲକ୍ଷ୍ୟରେ ଅବୈଧ ଭୋଟର୍‌ଙ୍କୁ ବାଦ୍ ଦିଆଯିବ । ଶ୍ରୀ କୁମାର  ଗତକାଲିଠାରୁ ଓଡ଼ିଶାକୁ ତିନିଦିନିଆ ଗସ୍ତରେ ଆସିଛନ୍ତି ।

## ଜିତେନ୍ଦ୍ର – ଶାନ୍ତି ବିଲ୍

କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି, ଶାନ୍ତି ବିଲ୍ ହେଉଛି ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାରଙ୍କ ସର୍ବୋତ୍ତମ ବୈଜ୍ଞାନିକ ସଂସ୍କାରମୂଳକ ପଦକ୍ଷେପର ଅଂଶବିଶେଷ । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ସିଂହ କହିଛନ୍ତି, ୨୦୧୪ ମସିହାରେ

ଭାରତର ଆଣବିକ ଶକ୍ତି କ୍ଷମତା ୪ ଦଶମିକ ୪ ଗିଗାୱାଟ୍ ଥିବାବେଳେ ଆଜି ଏହା ଦ୍ୱିଗୁଣିତ ହୋଇ ପ୍ରାୟ ୮ ଦଶମିକ ୭ ଗିଗାୱାଟ୍‌ରେ ପହଞ୍ଚିଛି । ଭାରତର ଆଣବିକ କ୍ଷେତ୍ରରେ ଐତିହାସିକ ସଂସ୍କାରର ଏକ ନୂତନ ଦିଗ୍‌ଦର୍ଶନ ହେଉଛି ଶାନ୍ତି ବିଲ୍, ଯାହାକି ଶାନ୍ତି, ସ୍ୱଚ୍ଛ ଏବଂ ସ୍ଥାୟୀ ଶକ୍ତିର ଏକ ଉଦାହରଣ ଏବଂ ଏହା ସୁରକ୍ଷା, ସାର୍ବଭୌମ ଏବଂ ଜନସ୍ୱାର୍ଥ ଦିଗରେ କାର୍ଯ୍ୟ କରିଥାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ତୃତୀୟ ପାଳି ସରକାରଙ୍କ କାଳରେ ବିଭିନ୍ନ ସାହସିକ ଗଠନମୂଳକ ସଂସ୍କାର ପଦକ୍ଷେପ ଗ୍ରହଣ କରାଯାଇଛି । ବିଜ୍ଞାନ, ନବସୃଜନ ଏବଂ ଉଦ୍ୟମିତା ଉପରେ ଅଧିକ ପ୍ରାଧାନ୍ୟ ଦିଆଯାଉଛି । କୃତ୍ରିମ ବୁଦ୍ଧିମତ୍ତା, କ୍ୱାଣ୍ଟମ୍ ଏବଂ ଡାଟା ପରିଚାଳିତ ଅର୍ଥନୀତିର ଚାହିଦା ଉପରେ ଗୁରୁତ୍ୱ ପ୍ରଦାନ କରି ଶ୍ରୀ ସିଂହ କହିଛନ୍ତି, ଆଣବିକ ଶକ୍ତି' ବିଶ୍ୱାସ ପ୍ରତିଷ୍ଠା, ନିରନ୍ତର ଶକ୍ତି ଯୋଗାଣ ଏବଂ ନବୀକରଣ ଶକ୍ତି କ୍ଷେତ୍ରପାଇଁ ନିତାନ୍ତ ଅପରିହାର୍ଯ୍ୟ ।

## ଥାଇଲାଣ୍ଡ - ଇଲେକ୍‌ସନ୍

ଥାଇଲାଣ୍ଡରେ ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ନିର୍ବାଚନପାଇଁ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଆଜି ପ୍ରାର୍ଥୀମାନଙ୍କ ନାମ ପଞ୍ଜୀକରଣ କରାଯାଇଛି । ଥାଇଲାଣ୍ଡ ନିର୍ବାଚନ ଆୟୋଗ ପକ୍ଷରୁ ଆଗାମୀ ସାଧାରଣ

ନିର୍ବାଚନ ଆସନ୍ତା ଫେବୃୟାରୀ ୮ ତାରିଖରେ ହେବ ବୋଲି ଘୋଷଣା କରାଯାଇଛି । ପ୍ରଧାନମନ୍ତ୍ରୀ ଅନୁତିନ୍ ଚାର୍ଣ୍ଣଭିରାକୁଲ ଚଳିତ ମାସ ପ୍ରାରମ୍ଭରେ ସଂସଦକୁ ଭଙ୍ଗକରି ନିର୍ବାଚନପାଇଁ ଆହ୍ୱାନ ଦେଇଥିଲେ । ସେଠାକାର ବିରୋଧୀ ଦଳ ପକ୍ଷରୁ ସାମ୍ବିଧାନିକ ଶାସନ ବ୍ୟବସ୍ଥା ପରିବର୍ତ୍ତନପାଇଁ ଅନାସ୍ଥା ପ୍ରସ୍ତାବପାଇଁ ପ୍ରସ୍ତୁତି ଚଳାଯାଉଥିବାରୁ ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିଲା ।

## ରୁଷ୍-ୟୁକ୍ରେନ୍ ପିସ୍

ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍ କହିଛନ୍ତି, ୟୁକ୍ରେନ ଶାନ୍ତି ପ୍ରତିଷ୍ଠାପାଇଁ ଆଦୌ ବ୍ୟସ୍ତ ବିବ୍ରତ ନୁହେଁ । ଶାନ୍ତିପୂର୍ଣ୍ଣ ଭାବେ ବିବାଦର ସମାଧାନପାଇଁ ୟୁକ୍ରେନ୍ ଆଗେଇ ନ ଆସିଲେ ରୁଷ୍ ବଳପୂର୍ବକ ଭାବେ ଲକ୍ଷ୍ୟରେ ପହଞ୍ଚିବା ଲାଗି ଚେଷ୍ଟା କରିବ । ରୁଷ୍‌ର ଷ୍ଟେଟ୍ ନ୍ୟୁଜ୍ ଏଜେନ୍‌ସି ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ରାଷ୍ଟ୍ରପତି ଶ୍ରୀ ପୁତିନ ଗତକାଲି ବିଭିନ୍ନ ଯୁଦ୍ଧବାହିନୀର କମାଣ୍ଡର ଏବଂ ଚିଫ୍ ଅଫ୍ ଜେନେରାଲ୍ ଷ୍ଟାଫ୍‌ମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିଛନ୍ତି । ବୈଠକ ପରେ ଶ୍ରୀ ପୁତିନ୍ କହିଛନ୍ତି, ରୁଷ-ୟୁକ୍ରେନ୍ ସୀମାନ୍ତବର୍ତ୍ତୀ ବଫର ଜୋନ୍ ସ୍ଥାପନ କାର୍ଯ୍ୟ ସୁରୁଖୁରୁରେ ଚାଲିଛି । ରୁଷ୍‌ର

ଯବାନମାନେ ଡୋନ୍‌ବାସ୍ ଏବଂ ଜାପ୍ରୋଝାଇ ଅଞ୍ଚଳରେ ସେମାନଙ୍କର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଅଗ୍ରସର ହେଉଛନ୍ତି ।

## ସ୍ୱିଡେନ୍ - ୱିଣ୍ଟର ଷ୍ଟର୍ମ

ୟୁରୋପୀୟ ଉତ୍ତରାଞ୍ଚଳ ଦେଶଗୁଡ଼ିକରେ ଶକ୍ତିଶାଳୀ ଶୀତକାଳୀନ ଝଡ଼ 'ଜେହାନ୍ସ' ଯୋଗୁଁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି । ସ୍ୱିଡେନ୍‌ରେ ଏହାର ପ୍ରଭାବରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଏହି ଝଡ଼ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହେବା ସହ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି । ସ୍ୱିଡେନ୍‌ର ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଅଧିକାଂଶ ଅଞ୍ଚଳରେ ସତର୍କ ସୂଚନା ଜାରି କରାଯାଇଛି । କେତେକ ବିମାନ, ରେଳ ଏବଂ ଯାନବାହନ ଯାତାୟତକୁ ବାତିଲ୍ କରାଯାଇଛି । ସ୍ୱିଡେନ୍, ନରୱେ ଏବଂ ଫିନ୍‌ଲାଣ୍ଡରେ ହଜାର ହଜାର ଘରକୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଛି । କେବଳ ସ୍ୱିଡେନ୍‌ରେ ୪୦ ହଜାରରୁ ଊର୍ଦ୍ଧ୍ୱ ବାସଗୃହରେ ବିଦ୍ୟୁତ ଯୋଗାଣ ବାଧାପ୍ରାପ୍ତ ହୋଇଥିବା ଜଣାପଡ଼ିଛି ।

# ବ୍ୟାଡ୍‌ମିଣ୍ଟନ ନ୍ୟାସନାଲ୍ ଚାମ୍ପିୟନ୍‌ସିପ ଫାଇନାଲ୍

ବିଜୟୱାଡ଼ାଠାରେ ଚାଲିଥିବା ୮୭ତମ ସିନିୟର୍ ନ୍ୟାସନାଲ୍ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନ୍‌ସିପ୍ ପ୍ରତିଯୋଗିତାର ପୁରୁଷ ସିଙ୍ଗ୍‌ଲ୍ ଫାଇନାଲ୍‌ରେ ରିତ୍ୱିକ ସଞ୍ଜୀବ୍ ଟାଇଟଲ୍ ହାସଲ କରିଛନ୍ତି । ସେ ଭରତ ରାଘବଙ୍କୁ ୨୧-୧୬, ୨୨-୨୦ ସେଟ୍‌ରେ ପରାସ୍ତ କରି ବିଜୟୀ ହୋଇଛନ୍ତି । ପୂର୍ବରୁ ରିତ୍ୱିକ କିରନ ଜର୍ଜଙ୍କୁ ୨୧-୧୬, ୧୭-୨୧ ଓ ୨୨-୨୦ ସେଟ୍‌ରେ ପରାସ୍ତ କରି ଫାଇନାଲ୍‌କୁ ଉନ୍ନୀତ ହୋଇଥିଲେ ।

ମହିଳା ସିଙ୍ଗଲ୍‌ସ ପ୍ରତିଯୋଗିତାରେ ସୂର୍ଯ୍ୟ ଚରିସ୍ମା ତାମିରି ଆଜି ତନ୍‌ଭୀ ପତ୍ରୀଙ୍କୁ ୧୭-୨୧, ୨୧-୧୨ ଓ ୨୧-୧୪ ସେଟ୍‌ରେ ପରାସ୍ତ କରି ଟାଇଟଲ୍ ହାସଲ କରିଛନ୍ତି ।

ପୁରୁଷ ଡବଲ୍‌ସରେ ଏ. ହରିହରନ୍ ଏବଂ ରୁବାନ କୁମାରଙ୍କ ଯୋଡ଼ି’ ମିଥିଳେଶ କ୍ରିଷ୍ଣନ୍ ଏବଂ ପ୍ରେଜାନଙ୍କ ଯୋଡ଼ିକୁ ୨୪-୨୨, ୨୧-୧୭ ସେଟ୍‌ରେ ପରାସ୍ତ କରି ଫାଇନାଲ୍‌ରେ ପ୍ରବେଶ କରିଥିଲେ ।

ମହିଳା ଡବଲ୍‌ସ ଫାଇନାଲ୍‌ରେ ଶିଖା ଗୌତମ ଏବଂ ଅଶ୍ୱିନ ଭଟ କେ.’ଙ୍କ ଯୋଡ଼ି’ ପ୍ରିୟା ଦେବୀ ଓ ଶ୍ରୁତି ମିଶ୍ରାଙ୍କ ଯୋଡ଼ିକୁ ୨୧-୧୪, ୨୧-୧୮ ସେଟ୍‌ରେ ପରାସ୍ତ କରି ଟାଇଟଲ୍ ହାସଲ କରିଛନ୍ତି ।

ଅନ୍ୟପକ୍ଷରେ ମିକ୍ସଡ୍ ଡବଲ୍ସ ଫାଇନାଲ୍‌ରେ ସାତ୍ତ୍ୱିକ ରେଡ୍ଡୀ କେ. ଏବଂ ରାଧିକା ଶର୍ମାଙ୍କ ଯୋଡ଼ି' ଅସିତ ସୂର୍ଯ୍ୟ ଏବଂ ଅମୃତା ପି.ଙ୍କ ଯୋଡ଼ିକୁ ୨୧-୯, ୨୧-୧୫ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ ହୋଇଛନ୍ତି ।

## ୱିମେନ୍ସ କ୍ରିକେଟ

ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜ୍‌ର ଆଜି ଚତୁର୍ଥ ମ୍ୟାଚ୍ ଭାରତ ଏବଂ ଶ୍ରୀଲଙ୍କା ମଧ୍ୟରେ କେରଳର ଥିରୁବନନ୍ତପୁରମ୍‌ସ୍ଥିତ ଗ୍ରୀନ୍ ଫିଲ୍ଡ୍ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେଉଛି । ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବାବେଳକୁ ଭାରତ ୩ ଓଭର୍‌ରେ କୌଣସି ୱିକେଟ୍ ନ ହରାଇ ୨୬ ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍‌ରେ ଭାରତୀୟ ମହିଳା ଦଳ ୩-୦ରେ ଆଗୁଆ ଅଛନ୍ତି । ଆସନ୍ତା ମଙ୍ଗଳବାର ଦିନ ଏହି ଷ୍ଟାଡିୟମ୍‌ରେ ପଞ୍ଚମ ତଥା ଅନ୍ତିମ ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳାଯିବ । ଗତ ଶୁକ୍ରବାର ଅନୁଷ୍ଠିତ ତୃତୀୟ ମ୍ୟାଚ୍‌ରେ ଭାରତ ୮ ୱିକେଟ୍‌ରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା ।

*****